ଭାରତୀୟ ଜନତା ପାର୍ଟି, ଓଡିଶା

ଖାଦ୍ୟ କମିଶନଙ୍କ ରାଜ୍ୟ ସରକାରଙ୍କୁ ଚିଠିକୁ ଖୁଲାସା କଲା ବିଜେପି

# ରାଜ୍ୟର ଗରିବ, ବିଶେଷ ଭାବେ ଜନଜାତି ଲୋକଙ୍କ ଖାଦ୍ୟ ସୁରକ୍ଷା ପ୍ରତି ଉଦାସୀନ ବିଜେଡି ସରକାର : ବିଜେପି

- **ପ୍ରସ୍ତାବିତ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଗରିବଙ୍କ ସ୍ୱାର୍ଥ ନୁହେଁ, ରାଜନୈତିକ ସ୍ୱାର୍ଥ ପାଇଁ ଉଦ୍ଦିଷ୍ଟ**
- **୩ ଲକ୍ଷ ୨୮ ହଜାର ୫୫୯ ଯୋଗ୍ୟ ହିତାଧିକାରୀଙ୍କ ପାଇଁ କେନ୍ଦ୍ର ଅର୍ଥ ଯୋଗାଉଥିଲେ ମଧ୍ୟ ରାଜ୍ୟ ସରକାର ଲୋକଙ୍କୁ ଦେଉନାହିଁ ସୁବିଧା**
- **ଦୁର୍ଗମ, ଜଙ୍ଗଲ ଓ ଜନଜାତି ବହୁଳ ଅଂଚଳର ହଜାର ହଜାର ଯୋଗ୍ୟ ହିତାଧିକାରୀ ଚୟନ ସତ୍ୱେ ଦିଆଯାଉନାହିଁ ଖାଦ୍ୟ ସୁରକ୍ଷା ଯୋଜନାରେ ଚାଉଳ**
- **ଯଦି ଏମାନଙ୍କୁ କେନ୍ଦ୍ରୀୟ ଯୋଜନାରେ ଚାଉଳ ଯୋଗାଯିବ ତାହାହେଲେ ୫୫.୨୪ କୋଟି ରାଜ୍ୟର ପ୍ରସ୍ତାବିତ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ଖର୍ଚ୍ଚ କମିବ**
- **ଏହି ବଂଚୁଥିବା ଅର୍ଥରେ ବିନା କେନ୍ଦ୍ରୀୟ ସହାୟତାରେ ୭୮୯ ଅଙ୍ଗନବାଡି ଗୃହ ନିର୍ମାଣ କରାଯାଇପାରିବ**

**ଭୁବନେଶ୍ୱର, ତା୧୮/୦୮:** ରାଜ୍ୟ ସରକାରଙ୍କ ନିଜସ୍ୱ ଖାଦ୍ୟ ସୁରକ୍ଷା ଆଇନ ପ୍ରକୃତ ପକ୍ଷେ ଗରିବ, ନିସ୍ୱ ଓ ଅସହାୟ ଓଡିଆଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ ବରଂ ଏହା ରାଜନୈତିକ ଉଦ୍ଦେଶ୍ୟ ସର୍ବସ୍ୱ, ଏହା ରାଜ୍ୟ ଖାଦ୍ୟ କମିଶନଙ୍କ ଅଧ୍ୟକ୍ଷ ରଙ୍ଗଲାଲ ଯାମୁଦାଙ୍କ ପତ୍ର ସ୍ପଷ୍ଟ କରୁଛି ବୋଲି ବିଜେପି ରାଜ୍ୟ ଉପସଭାପତି ସମୀର ମହାନ୍ତି ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି । ଏହା ସହ ଶ୍ରୀ ଯାମୁଦା ଗତ ୮ ଅଗଷ୍ଟ ୨୦୧୮ରେ ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ଶାସନ ସଚିବଙ୍କୁ ଲେଖିଥିବା ଚିଠିକୁ ଗଣମାଧ୍ୟମକୁ ପ୍ରଦାନ କରିଛନ୍ତି ।

ଶ୍ରୀ ମହାନ୍ତି କହିଛନ୍ତି ଯେ, ଶ୍ରୀ ଯାମୁଦା ତାଙ୍କ ପତ୍ରରେ ଜାତୀୟ ଖାଦ୍ୟ ସୁରକ୍ଷା ଆଇନରେ ଦୁର୍ଗମ ଓ ଜନଜାତି ଅଂଚଳରେ ଖାଦ୍ୟ ସୁରକ୍ଷାକୁ ସୁନିଶ୍ଚିତ କରିବା ପାଇଁ ଗୁରୁତ୍ୱ ଦେବାପାଇଁ ଏହି ଆଇନରେ ଗୁରୁତ୍ୱ ଦିଆଯାଇଛି । ରାଜ୍ୟର ଟ୍ରାଇବାଲ ସବପ୍ଲାନ ଅନ୍ତର୍ଭୁକ୍ତ ୧୧୯ଟି ଜନଜାତି ଉପଯୋଜନା ଅନ୍ତର୍ଭୁକ୍ତ ବ୍ଲକ ଗୁଡିକରେ ୭୦୯୧ ଯୋଗ୍ୟ ବିବେଚିତ ପରିବାରକୁ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ କରାଯାଇନାହିଁ । ଏହାଛଡା ଜୁନ ୨୦୧୮ ସୁଦ୍ଧା ଏହି ବ୍ଲକର ବିଡିଓମାନଙ୍କ ପାଖରେ ୧୫୮୨୨ ଆବେଦନ ବିଚାର ନିମନ୍ତେ ପଡି ରହିଛି । ଏହାଛଡା ଜୁନ ୨୦୧୮ କ୍ୱାଟର ଶେଷ ସୁଦ୍ଧା ଆଉ ନୂଆ ୮୬୨୧ ଦରଖାସ୍ତ ପହଁଚିଛି । ଏହାସହ ସେପ୍ଟେମ୍ବର ୨୦୧୮ କ୍ୱାଟର ସୁଦ୍ଧା ଏହି ଦରଖାସ୍ତ ସଂଖ୍ୟା ଆହୁରି ବଢିବାର ସମ୍ଭାବନା ରହିଛି ବୋଲି ଶ୍ରୀ ଯାମୁଦା ତାଙ୍କ ପତ୍ରରେ କହିଛନ୍ତି ।

ଶ୍ରୀ ମହାନ୍ତି କହିଛନ୍ତି ଯେ, ଯଦି ରାଜ୍ୟ ସରକାର ଆବଶ୍ୟକୀୟ ନିର୍ଦ୍ଦେଶନାମା ଜାରି କରନ୍ତି ତାହାହେଲେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ବାକିଥିବା ତାଲିକାରେ ଏହି ପରିବାର ଗୁଡିକ ସାମିଲ ହୋଇପାରିବେ ।

ଶ୍ରୀ ଯାମୁଦା ଏହି ପତ୍ରରେ ଆହୁରି ସମ୍ବେଦନଶୀଳ ପ୍ରସଙ୍ଗ ଉଠାଇଛନ୍ତି । ରାଜ୍ୟ ସରକାର ଯେତିକି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ସାମିଲ ହେବାକୁ ଥିବା ୩ ଲକ୍ଷ ୨୮ ହଜାର ୮୫୯ ବ୍ୟକ୍ତିବିଶେଷଙ୍କୁ ସାମିଲ କରନ୍ତି ତାହାହେଲେ ମାସକୁ ୪.୬ କୋଟି ହିସାବରେ ବର୍ଷକୁ ୫୫.୨୪ କୋଟିଟଙ୍କା ରାଜ୍ୟ ସରକାରଙ୍କ ପ୍ରସ୍ତାବିତ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନାରେ ଖର୍ଚ୍ଚ କମ କରିପାରିବ । ଶ୍ରୀ ଯାମୁଦା ଏହି ପତ୍ରରେ ଲେଖିଛନ୍ତି ଏହି ସଂଚିତ ଅର୍ଥରେ ବିନା କେନ୍ଦ୍ରୀୟ ସହାୟତାରେ ୭୮୯ଟି ଅଙ୍ଗନବାଡି ଗୃହ ତିଆରି କରାଯାଇପାରିବ ବୋଲି ଶ୍ରୀ ମହାନ୍ତି ସୁଚନା ଦେଇ କହିଛନ୍ତି ।

ଏହି ପତ୍ର ପରିପ୍ରେକ୍ଷୀରେ ରାଜ୍ୟ ସରକାର ଗରିବଙ୍କ ସ୍ୱାର୍ଥ ନୁହେଁ ବରଂ ନିଜସ୍ୱ ଖାଦ୍ୟ ସୁରକ୍ଷା ଯୋଜନା ଏକ ରାଜନୈତିକ ଚାଲ ଭାବରେ ବ୍ୟବହାର କରି ଓଡିଆ ଲୋକଙ୍କୁ ଠକିବା ପାଇଁ ଏକ ହୀନ ପ୍ରୟାସ କରୁଛନ୍ତି ବୋଲି ଶ୍ରୀ ମହାନ୍ତି ଅଭିଯୋଗ କରିଛନ୍ତି ।

୨୦୧୧ ମସିହା ପରେ ଓଡିଶାରେ ଜନ୍ମ ହୋଇଥିବା ସବୁ ବ୍ୟକ୍ତି ଯଦି ଗରିବ ଓ ଖାଦ୍ୟ ସୁରକ୍ଷାରୁ ବଂଚିତ ତାହାହେଲେ ଏହା କି ପ୍ରକାର କଠିନ ପରିଶ୍ରମଯୁକ୍ତ ଆଦର୍ଶ ମୁଖ୍ୟମନ୍ତ୍ରୀଙ୍କର ସଫଳତା ବୋଲି ଶ୍ରୀ ମହାନ୍ତି ପ୍ରଶ୍ନ କରିଛନ୍ତି । ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ପ୍ରବକ୍ତା ସୁଦୀପ୍ତ ରାୟ ମଧ୍ୟ ଉପସ୍ଥିତ ଥିଲେ ।

**(ବିଜେପି ମିଡିଆ ସେଲ୍)**